ବବୁଆ ଓରଫ ତାଜ୍ଜୁଲ୍ ହୁସେନ୍ ବନାମ ଓଡ଼ିଶା ରାଜ୍ୟ

ଜାନୁଆରୀ 30,2001

[ଏସ୍. ରାଜେନ୍ଦ୍ର ବାବୁ ଏବଂ କେ. ଜି. ବାଲକ୍ରିଷ୍ଣନ, ନ୍ୟାୟମୂର୍ତ୍ତିଦ୍ୱୟ]

ଫୌଜଦାରୀ ଆଇନ:

*ନିଶା ଓ ମାଦକ ଦ୍ରବ୍ୟ ଅଧିନିୟମ, 1985-ଧାରା 20 (b) 21, 29, 37 (1) (b)-ଆବେଦନକାରୀଙ୍କୁ ଏହି ଆଧାରରେ ଗିରଫ କରାଯାଇଥିଲା ଯେ ସେ ନିଷିଦ୍ଧ ସାମଗ୍ରୀ ବ୍ୟବସାୟରେ ନିୟୋଜିତ ବ୍ୟକ୍ତିଙ୍କ ପାଇଁ କାମ କରୁଥିଲେ- ଅଭିଯୋଗ ଯେ ସେ ଅପରାଧ କାର୍ଯ୍ୟକୁ ପ୍ରରୋଚିତ କରିଥିଲେ କିମ୍ବା ଗଞ୍ଜେଇ ଏବଂ ଅନ୍ୟାନ୍ୟ ନିଶା ଦ୍ରବ୍ୟ ରଖିବା ଏବଂ ବିକ୍ରୟ କରିବାର ଅପରାଧ କରିବାକୁ ଅପରାଧିକ ଷଡଯନ୍ତ୍ରର ଏକ ପକ୍ଷ ଥିଲେ-ଜାମିନ ପାଇଁ ପ୍ରାର୍ଥନା – ବର୍ତ୍ତମାନ ସୁଦ୍ଧା ପରୀକ୍ଷା ହୋଇଥିବା କୌଣସି ସାକ୍ଷୀ ଯେ କୌଣସି ଉପାୟରେ ଅବେଦନକାରୀଙ୍କୁ ଅପରାଧରେ ସଂଶ୍ଳିଷ୍ଟ କରିନଥିବା ଯୁକ୍ତି - ସମର୍ଥନ ଯୋଗ୍ୟ-- ନିର୍ଣ୍ଣୟ ହୋଇଛି: ଯଦି ଅଭିଯୁକ୍ତ ଏପରି ଅପରାଧରେ ଦୋଷୀ ନୁହେଁ ବୋଲି ବିଶ୍ୱାସ କରିବାର ଯୁକ୍ତିଯୁକ୍ତ ଆଧାର ନଥାଏ ଏବଂ ଜାମିନରେ ଥାଇ ସେ କୌଣସିବି ଅପରାଧ କରିବାର ସମ୍ଭାବନା ଥାଏ, ତେବେ ସେ ଜାମିନ ପାଇବାକୁ ହକଦାର ହେବେ ନାହିଁ-ବର୍ତ୍ତମାନର ମାମଲାରେ, ଏହା କୁହାଯାଇପାରିବ ନାହିଁ ଯେ ଅଭିଯୁକ୍ତ ଅପରାଧରେ ଦୋଷୀ ନୁହଁନ୍ତି ଯେପର୍ଯ୍ୟନ୍ତ ଅଭିଯୋଗରେ ତାହା ପ୍ରମାଣିତ ନହୋଇଛି- ନିଶା ଏବଂ ମାଦକ ଦ୍ରବ୍ୟ ସହିତ ଜଡିତ ମାମଲା, ଅଦାଲତରେ ବିଚାରଧୀନ ସମୟରେ ଅଭିଯୁକ୍ତମାନଙ୍କୁ କାରାଗାରରେ ରଖିବା ସମାଜର ସ୍ୱାର୍ଥରେ ହିଁ ଥାଏ, ନଚେତ୍ ସେମାନେ ଏପରି କାର୍ଯ୍ୟକଳାପରେ ଲିପ୍ତ ରହିବେ ଯାହା ସମାଜ ପାଇଁ ମାରାତ୍ମକ ହେବ ।*

*ଅଭ୍ୟାସ ଏବଂ ପ୍ରକ୍ରିୟା:*

*ବିଚାର-ବ୍ୟବହାର-ମାମଲାରେ ସଂଶ୍ଳିଷ୍ଟ ଥିବା ଅଭିଯୁକ୍ତ ବ୍ୟକ୍ତିମାନେ ଦୁଇଟି ଭିନ୍ନ ଭିନ୍ନ ରାଜ୍ୟରେ ଅଛନ୍ତି -ବିଚାର ଉଦ୍ଦେଶ୍ୟରେ ସମସ୍ତ ଅଭିଯୁକ୍ତ ବ୍ୟକ୍ତିଙ୍କୁ ଗୋଟିଏ ସ୍ଥାନରେ ରଖିବା ପାଇଁ ବ୍ୟବସ୍ଥା-ନିର୍ଦ୍ଦେଶ ଜାରି କରିବାର ଆବଶ୍ୟକତା ରହିଛି ।*

**ଡି ନାମରେ ଜଣଙ୍କୁ ଗିରଫ କରାଯାଇଥିଲା ଏବଂ ତାଙ୍କଠାରୁ 'ଗଞ୍ଜେଇ" ଜବତ କରାଯାଇଥିଲା । ସେ ଗିରଫ କର୍ତ୍ତୃପକ୍ଷଙ୍କ ସମ୍ମୁଖରେ ପ୍ରକାଶ କରିଥିଲେ ଯେ ସେ ଜଣେ 'ଏ' ଙ୍କ ପାଇଁ କାମ କରୁଥିଲେ ଯିଏ ନିଷିଦ୍ଧ ସାମଗ୍ରୀର ବ୍ୟବସାୟରେ ଥିଲେ । ଏହି ତଥ୍ୟ ଆଧାରରେ 'ଏ "ଙ୍କ ଘରେ ଚଢ଼ଉ କରାଯାଇଥିଲା ଏବଂ ନିଷିଦ୍ଧ ସାମଗ୍ରୀ ଜବତ କରାଯାଇଥିଲା । ପରେ, ଡି ଏକ ବିବୃତି ଦେଇଥିଲେ ଯେ ଆବେଦନକାରୀ ମଧ୍ୟ ଏ ପାଇଁ ଏହି କାର୍ଯ୍ୟ କରିଥିଲେ। ଏହା ପରେ ଆବେଦନକାରୀଙ୍କୁ ମଧ୍ୟ ଏହି ମାମଲାରେ ସଂଶ୍ଳିଷ୍ଟ କରି, ଗିରଫ କରାଯାଇଥିଲା ଏବଂ ତାଙ୍କ ବିରୋଧରେ ବିଚାର ଚାଲିଥିଲା । ବିଭିନ୍ନ କାରଣରୁ ଆବେଦନକାରୀଙ୍କ ଦ୍ୱାରା ଆଗତ କରାଯାଇଥିବା ଜାମିନ ଆବେଦନକୁ ପ୍ରତ୍ୟାଖ୍ୟାନ କରାଯାଇଥିଲା ।**
**ତେଣୁ ବର୍ତ୍ତମାନର ଆବେଦନ ।**

**ଆବେଦନକାରୀଙ୍କ ତରଫରୁ, ଏହା ଯୁକ୍ତି କରାଯାଇଥିଲା ଯେ ବର୍ତ୍ତମାନ ସୁଦ୍ଧା ପରୀକ୍ଷା କରାଯାଇଥିବା କୌଣସି ସାକ୍ଷୀ ଯେକୌଣସି ଉପାୟରେ ଅବେଦନକାରୀଙ୍କୁ ଏ ର ସହଯୋଗୀ ବୋଲି କହିବା କିମ୍ବା ତାଙ୍କୁ ଏହି ମାମଲାରେ ସଂଶ୍ଳିଷ୍ଟ କରିନାହାନ୍ତି ।**

**ଆବେଦନକୁ ଖାରଜ କରି ଏହି ନ୍ୟାୟାଳୟ**

**ନିର୍ଣ୍ଣୟ ନେଇଛନ୍ତି ଯେ: 1. ନିଶା ଓ ମାଦକ ଦ୍ରବ୍ୟ ଅଧିନିୟମ 37 (1) (b) କୁ ଦୃଷ୍ଟିରେ ରଖି ଯଦି ଅଭିଯୁକ୍ତ ଏପରି ଅପରାଧରେ ଦୋଷୀ ନୁହେଁ ଏବଂ ଜାମିନରେ ଥିବାବେଳେ ସେ କୌଣସି ଅପରାଧ କରିବାର ସମ୍ଭାବନା ନାହିଁ ବୋଲି ବିଶ୍ୱାସ କରିବା ପାଇଁ ଯୁକ୍ତିଯୁକ୍ତ ଆଧାର ଥାଏ, ତେବେ କେବଳ ତାଙ୍କୁ ଜାମିନ ମିଳିବ । ବର୍ତ୍ତମାନର ମାମଲାରେ, ଆବେଦନକାରୀ ବିଭିନ୍ନ ଆଧାରରେ ଜାମିନ ପାଇବାକୁ ଚେଷ୍ଟା କରିଥିଲେ କିନ୍ତୁ ବିଫଳ ହୋଇଥିଲେ । କିନ୍ତୁ ଯଦି ଅଧିନିୟମ 37 (1) (b) ର ପରିସରକୁ ଧ୍ୟାନରେ ରଖାଯାଏ ତେବେ ସେହି କାରଣଗୁଡ଼ିକ ଗୁରୁତ୍ୱହୀନ ହେବ । ମାମଲାର ଏହି ପର୍ଯ୍ୟାୟରେ ଯାହା ଦେଖାଯାଇ ପାରିବ, ତାହା ଅଭିଯୋଜନ ପକ୍ଷର ସାକ୍ଷୀମାନଙ୍କ ତରଫରୁ ଦିଆଯାଇଥିବା ବିଶ୍ୱାସଯୋଗ୍ୟ ବିବୃତ୍ତି ଉପରେ ଆବେଦନକାରୀଙ୍କୁ ଦୋଷୀ ସାବ୍ୟସ୍ତ କରାଯିବ କି ନା ନିର୍ଭର କରିବ । ଏହି ପରିସ୍ଥିତିରେ, ଯଦି ଅଭିଯୋଗରେ କରାଯାଇଥିବା ଅଭିଯୋଗ ପ୍ରମାଣିତ ହୁଏ, ତେବେ ଏହା କୁହାଯାଇପାରିବ ନାହିଁ ଯେ ଅଭିଯୁକ୍ତ ଏହି ଅପରାଧରେ ଦୋଷୀ ନୁହନ୍ତି । ଆଉ ଏକ ଦୃଷ୍ଟିକୋଣ  ଧ୍ୟାନ ରଖିବାକୁ ହେବ ଯେ ଜଣେ ନାଗରିକଙ୍କ ସ୍ୱାଧୀନତା ସମାଜର ସ୍ୱାର୍ଥ ସହିତ ଭାରସାମ୍ୟ ହେବା ଆବଶ୍ୟକ । ଯେଉଁ କ୍ଷେତ୍ରରେ ନିଶା ଏବଂ ମାଦକ ଦ୍ରବ୍ୟ ଜଡ଼ିତ ଥାଏ, ଅଭିଯୁକ୍ତମାନେ ଏପରି କାର୍ଯ୍ୟକଳାପରେ ଲିପ୍ତ ରହିଥାନ୍ତି ଯାହା ସମାଜ ପାଇଁ ମାରାତ୍ମକ ଅଟେ । ତେଣୁ, ଅଦାଲତରେ ମାମଲାର ବିଚାରଧୀନତା ସମୟରେ ଏହିପରି ବ୍ୟକ୍ତିମାନଙ୍କୁ କାରାଗାରରେ ରଖିବା ନିଶ୍ଚିତ ଭାବରେ ସମାଜର ହିତରେ ହେବ ।**

**2. ବର୍ତ୍ତମାନର ମାମଲାରେ, ଅଭିଯୁକ୍ତ ବ୍ୟକ୍ତିମାନେ ଦୁଇଟି ଭିନ୍ନ ଭିନ୍ନ ରାଜ୍ୟରେ ଥାଇ ମାମଲାରେ ଜଡିତ ଥିବାରୁ, ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରୟାସ କରାଯିବା ଉଚିତ ଯେ ସମସ୍ତ ଅଭିଯୁକ୍ତ ବ୍ୟକ୍ତିଙ୍କର ବିଚାରଧିନ ଥିବା ମାମଲାର ବିଚାର ଉଦ୍ଦେଶ୍ୟରେ ଗୋଟିଏ ସ୍ଥାନରେ ରଖିବା ପାଇଁ ଉପଯୁକ୍ତ ବ୍ୟବସ୍ଥା କରିବା । ବିସ୍ତୃତ ବିବରଣୀ ପ୍ରସ୍ତୁତ କରାଯିବା ଉଚିତ ଏବଂ ସମ୍ପୃକ୍ତ ଉଚ୍ଚ ନ୍ୟାୟାଳୟର ପ୍ରଶାସନିକ ପକ୍ଷ ଦ୍ୱାରା ଯାଞ୍ଚ କରାଯିବା ଉଚିତ ଏବଂ ମାମଲାର ତ୍ୱରିତ ସମାଧାନ ପାଇଁ ଉପଯୁକ୍ତ ନିର୍ଦ୍ଦେଶ ଦିଆଯିବ ।**

ଫୌଜଦାରୀ ଆବେଦନ କ୍ଷେତ୍ରାଧିକାର: ସ୍ୱତନ୍ତ୍ର ଅନୁମତି ଆବେଦନ (ସିଆରଏଲ୍) ସଂଖ୍ୟା 2866/2000

20.4.2000 ତାରିଖରେ ସିଆରଏଲ. ଏମସି ସଂଖ୍ୟା 487/2000 ରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ରାୟ ଏବଂ ଆଦେଶରୁ ଆସିଛି ।

ଆବେଦନକାରୀଙ୍କ ପାଇଁ ଡ. ଅଭିଷେକ ଏମ୍. ସିଂଘଭି, ବିଜୟ ହଂସାରିଆ, ସୁନୀଲ କୁମାର ଜୈନ, ଅମିତେଶ ଲାଲ, ସୁଶ୍ରୀ ସୁଷମା ଶର୍ମା ଏବଂ ଜୈନ ହଂସାରିଆ ଆଣ୍ଡ କୋ. ।

ଉତ୍ତରଦାତାଙ୍କ ପାଇଁ କୀର୍ତ୍ତି ରେଣୁ ମିଶ୍ର ଏବଂ ସୁଶ୍ରୀ କିରଣ ସୁରୀ ।

ଏହି ନ୍ୟାୟାଳୟର ରାୟ

**ନ୍ୟାୟମୂର୍ତ୍ତି ରାଜେନ୍ଦ୍ର ବାବୁଙ୍କ** ଦ୍ୱାରା ପ୍ରଦାନ କରାଯାଇଥିଲା । ଆମ ସମ୍ମୁଖରେ ଆବେଦନକାରୀଙ୍କ ବିରୁଦ୍ଧରେ ଅଭିଯୋଗ କରାଯାଇଛି ଯେ 27.07.1998 ତାରିଖରେ କିମ୍ବା ତାହା ମଧ୍ୟରେ ବାଲେଶ୍ୱର ସହରର କିଲାପୋଖାରୀରେ (i) ଆଜାଦ୍ ପରଭେଜ୍, (ii) ବାଟୁ ଓରଫ ଜାହିଦ୍ ପରଭେଜ୍ ଏବଂ (iii) ଆଲ୍ଲାଉଦ୍ଦିନ୍ ସାହା ଓରଫ ଏସ୍. କେ. ଙ୍କ ଦ୍ୱାରା ଏହି ଅପରାଧ କରିବାପାଇଁ ସହାୟତା କରିଥିଲେ କିମ୍ବା ତାଙ୍କ ସହିତ ଏକ ଅପରାଧିକ ଷଡଯନ୍ତ୍ରରେ ସାମିଲ ଥିଲେ, ଯେଉଁଥିରେ

ଗଞ୍ଜେଇ ଏବଂ ଉତ୍ପାଦିତ ନିଶାଦ୍ରବ୍ୟ ରଖିବା ଏବଂ/କିମ୍ବା ବିକ୍ରୟ କରିବା ଅପରାଧ କରିଥିଲେ, ଯାହା ନିଶା ଏବଂ ମାଦକ ଦ୍ରବ୍ୟ ଅଧିନିୟମ, 1985 ର ଅଧ୍ୟାୟ IV ଅନୁଯାୟୀ ଦଣ୍ଡନୀୟ ଅପରାଧ ଅଟେ [ଏହାପରେ ଏହାକୁ 'ଅଧିନିୟମ' ଭାବେ ଉଲ୍ଲେଖ କରାଯାଇଛି] ଏବଂ ସେଠାରେ ସେମାନେ ଏକ ଦଣ୍ଡନୀୟ ଅପରାଧ କରିଥିଲେ ଯାହାକୁ ଅଧିନୀୟମର ଧାରା 20 (b) ଏବଂ ଧାରା 21 ଯାହାକୁ ଧାରା 29 ସହିତ ପଢାଯାଏ,ତାହା ଅନୁଯାୟୀ ବାଲେଶ୍ୱରର ସ୍ୱତନ୍ତ୍ର ବିଚାରପତି ନିଜ ସଜ୍ଞାନକୁ ନେଇଥିଲେ ।

ଏହି ମାମଲାର ସାରାଂଶ ହେଉଛି ଯେ 63/1998 ସଂଖ୍ୟା ଭାବରେ ଏକ ସ୍ୱତନ୍ତ୍ର ମାମଲା ଦାଖଲ କରାଯାଇଥିଲା ଯେଉଁଥିରେ ଏମଡି. ଦିୱାନ ନାମରେ ଜଣଙ୍କୁ ପୋଲିସ ଏସଆଇ ସୁବ୍ରତ କୁମାର ବେହେରା ଗିରଫ କରିଥିଲେ ଏବଂ ତାଙ୍କ ନିକଟରୁ 500 ଗ୍ରାମ 'ଗଞ୍ଜେଇ' ଜବତ କରାଯାଇଥିବା ଅଭିଯୋଗ ହୋଇଥିଲା, ଯେଉଁଥିପାଇଁ ଏହି ସ୍ୱତନ୍ତ୍ର ମାମଲା ସଂଖ୍ୟା 63/1998 ରୁଜୁ କରାଯାଇଥିଲା ଏବଂ ବାଲେଶ୍ୱରର ସ୍ୱତନ୍ତ୍ର ବିଚାରପତିଙ୍କ ଅଦାଲତରେ ଏହାର ବିଚାର ଚାଲିଥିଲା । ଅଭିଯୋଗ ହୋଇଛି ଯେ ଏମଡି. ଦିୱାନ ଗିରଫ କର୍ତ୍ତୃପକ୍ଷଙ୍କ ସମ୍ମୁଖରେ ପ୍ରକାଶ କରିଥିଲେ ଯେ ସେ ନିଷିଦ୍ଧ ସାମଗ୍ରୀର ବ୍ୟବସାୟ କରୁଥିବା ଆଜାଦ ପରଭେଜଙ୍କ ପାଇଁ କାମ କରନ୍ତି, ଏବଂ ସେ ସେହି ସ୍ଥାନ ବିଷୟରେ ଜାଣିଛନ୍ତି ଯେଉଁଠାରେ ଆଜାଦ ପରଭେଜ୍ ସମସ୍ତ ନିଷିଦ୍ଧ ସାମଗ୍ରୀ ରଖିଥିଲେ । ଏହି ସୂଚନା ଆଧାରରେ ଆଜାଦ ପରଭେଜଙ୍କ ଘରେ ଚଢ଼ଉ କରାଯାଇଥିଲା ଏବଂ ନିଷିଦ୍ଧ ସାମଗ୍ରୀ ମଧ୍ୟ ଜବତ କରାଯାଇଥିଲା । 27.7.1998 ମସିହାରେ ଏକ ପୃଥକ ଏଫଆଇଆର୍ ପଞ୍ଜୀକୃତ ହେବା ପରେ ଅନ୍ୟ ଏକ ମାମଲା ପଞ୍ଜୀକୃତ ହୋଇଥିଲା ଯାହା ଅନୁଯାୟୀ 64/1998 ସଂଖ୍ୟା ଭାବେ ସ୍ୱତନ୍ତ୍ର ମାମଲା ବାଲେଶ୍ୱରର ସ୍ୱତନ୍ତ୍ର ବିଚାରପତିଙ୍କ ପାଖରେ ଦାଖଲ କରାଯାଇଥିଲା । ପୋଲିସ ଏସଆଇ ସୁବ୍ରତ କୁମାର ବେହେରା 63/1998 ସଂଖ୍ୟାର ସ୍ୱତନ୍ତ୍ର ମାମଲା ରୁଜୁ ହେବାର ଚାରି ମାସ ପରେ ଅର୍ଥାତ 23.11.1998 ମସିହାରେ ଏକ ବିବୃତି ରେକର୍ଡ କରିଥିଲେ ଯେଉଁଥିରେ ଏମଡି. ଦିୱାନ କହିଛନ୍ତି ଯେ ଏହି ମାମଲାରେ ଆବେଦନକାରୀ ମଧ୍ୟ ଆଜାଦ ପରଭେଜଙ୍କ ପାଇଁ କାର୍ଯ୍ୟ କରୁଛନ୍ତି । ଏହିପରି ବିବୃତି ନଥିଭୁକ୍ତ କରିବା ପରେ, ଆବେଦନକାରୀଙ୍କୁ ମଧ୍ୟ ଏହି ମାମଲାରେ ସଂଶ୍ଳିଷ୍ଟ କରାଯାଇଥିଲା ଏବଂ ତାଙ୍କୁ ଗିରଫ କରାଯାଇଥିଲା ଏବଂ ବିଚାରର ସମ୍ମୁଖୀନ ହେଉଛନ୍ତି, ଯାହା ପୂର୍ବରୁ କୁହାଯାଇଛି । ଏହି ମାମଲାରେ 10 ଜଣ ଅଭିଯୁକ୍ତ ଅଛନ୍ତି, କିନ୍ତୁ କେବଳ 6 ଜଣ ଅଭିଯୁକ୍ତ ଗିରଫ ହୋଇଛନ୍ତି ଏବଂ 4 ଜଣ ଫେରାର ଥିବା କୁହାଯାଉଛି । ଏହି ପରିସ୍ଥିତିରେ, ବାଲେଶ୍ୱରର ସ୍ୱତନ୍ତ୍ର ବିଚାରପତି, 24.3.1999 ତାରିଖର ଏକ ଆଦେଶ ଅନୁଯାୟୀ, ଏହି ମାମଲାକୁ ଦୁଇ ଭାଗରେ ଯଥା 64/1998 ଏବଂ 64A/1998 ରେ ବିଭକ୍ତ କରିଥିଲେ । ଅଧିନିୟମ ଧାରା 20(b) ଏବଂ 21 ଯାହାକୁ ଧାରା 29 ସହିତ ପାଠ କରାଯାଏ, ତା ଅନୁଯାୟୀ କରିଥିବା ଅପରାଧ ପାଇଁ ଛଅ ଜଣ ଅଭିଯୁକ୍ତଙ୍କ ନାମରେ 30.3.1999 ମସିହାରେ ଅଭିଯୋଗ ପ୍ରସ୍ତୁତ କରାଗଲା ଏବଂ ଯେହେତୁ ଚାରିଜଣ ଅଭିଯୁକ୍ତ ଫେରାର ଥିବାରୁ ତାଙ୍କ ନାମରେ ଅଭିଯୋଗ ପ୍ରସ୍ତୁତ ହୋଇପାରିନଥିଲା । ବିଭିନ୍ନ ଆଧାରରେ ଆବେଦନକାରୀଙ୍କ ଦ୍ୱାରା ଦାଖଲ ହୋଇଥିବା ଜାମିନ ଆବେଦନ ପତ୍ରକୁ 8.9.1999 ଏବଂ 15.1.2000 ତାରିଖର ଆଦେଶ ଦ୍ୱାରା ପ୍ରତ୍ୟାଖ୍ୟାନ କରାଯାଇଥିଲା । ଓଡ଼ିଶା ଉଚ୍ଚ ନ୍ୟାୟାଳୟ ସ୍ୱତଃପ୍ରବୃତ ଭାବେ ଏକ ଖବର କାଗଜ ବିବୃତି ଆଧାରରେ ଏହି ମାମଲାକୁ ସଜ୍ଞାନକୁ ନେଇଥିଲେ ଏବଂ 30.7.1999 ତାରିଖରେ ଦିଆଯାଇଥିବା ଏକ ଆଦେଶରେ ବାଲେଶ୍ୱର ସ୍ୱତନ୍ତ୍ର ବିଚାରପତିଙ୍କ ଦ୍ୱାରା ଭାଗ ହୋଇଥିବା ଦୁଇଟି ମାମଲାକୁ ରଦ୍ଦ କରିଦେଇଥିଲେ । ଏହା ମଧ୍ୟ ଅଦାଲତଙ୍କ ଦୃଷ୍ଟିକୁ ଅଣାଯାଇଛି ଯେ ଆଜାଦ ପରଭେଜ ହାଓଡ଼ାର ତୃତୀୟ ଅତିରିକ୍ତ ଜିଲ୍ଲା ବିଚାରପତିଙ୍କ ସମ୍ମୁଖରେ ଟିଆର 8/1998 ମାମଲାରେ ବିଚାରର ସମ୍ମୁଖୀନ ହେଉଛନ୍ତି ଏବଂ ହାଓଡା ଜେଲରେ ଅଛନ୍ତି । ବାଲେଶ୍ୱର ସ୍ୱତନ୍ତ୍ର ବିଚାରପତି, ବର୍ତ୍ତମାନର ମାମଲାରେ ବିଚାର ଉଦ୍ଦେଶ୍ୟରେ ଅଭିଯୁକ୍ତ ଆଜାଦ ପରଭେଜଙ୍କୁ ବାଲେଶ୍ୱରରେ ଉପଲବ୍ଧ କରାଇବାକୁ, ତୃତୀୟ ଅତିରିକ୍ତ ଜିଲ୍ଲା ବିଚାରପତି, ହାଓଡ଼ାଙ୍କୁ ଅନୁରୋଧ କରିଥିଲେ । ତେବେ, ତୃତୀୟ ଅତିରିକ୍ତ ଜିଲ୍ଲା ବିଚାରପତି, ହାଓଡା ତାଙ୍କୁ ତାଙ୍କ ଅଦାଲତକୁ ଫେରାଇ ଆଣିବାରେ ଅସୁବିଧା ହେତୁ ଏପରି କରିବାକୁ ମନା କରିଦେଇଥିଲେ । ସେହି ଆଜାଦ ପରଭେଜ ମଧ୍ୟ ଆଲିପୁରର ସ୍ୱତନ୍ତ୍ର ଅଦାଲତରେ ସ୍ୱତନ୍ତ୍ର ମାମଲା ସଂଖ୍ୟା 4/ଏନସିବି /କାଲ/99 ଏବଂ 16.6.1989 ତାରିଖର ଜିଆର ମାମଲା ସଂଖ୍ୟା

485 ରେ ମୁର୍ଶିଦାବାଦର ବରହମପୁରର ସ୍ୱତନ୍ତ୍ର ଅଦାଲତରେ ଆଉ ଏକ ବିଚାରର ସମ୍ମୁଖୀନ ହେଉଛନ୍ତି । 10 ଜଣ ଅଭିଯୁକ୍ତଙ୍କ ମଧ୍ୟରୁ କେବଳ ନଅ ଜଣ ଅଭିଯୁକ୍ତ ହେପାଜତରେ ଅଛନ୍ତି ଏବଂ ଜଣେ ଅଭିଯୁକ୍ତ ରୋକିଆ ସୁଲତାନା ଏପର୍ଯ୍ୟନ୍ତ ଫେରାର ଅଛନ୍ତି । ଏହି ମାମଲାରେ ନଅ ଜଣ ସାକ୍ଷୀଙ୍କୁ ପଚରାଉଚରା କରାଯାଇଛି ଏବଂ ଏହା ଦାବି କରାଯାଇଛି ଯେ କୌଣସି ସାକ୍ଷୀ ଆବେଦନକାରୀଙ୍କୁ ଆଜାଦ ପରଭେଜଙ୍କ ସହଯୋଗୀ ବୋଲି ଦର୍ଶାଇନାହାନ୍ତି ଏବଂ ପିଡବ୍ଲ୍ୟୁ 5 କେବଳ ଏତିକି କହିଛନ୍ତି ଯେ ସେ ଆଜାଦ ପରଭେଜ, ଆବେଦନକାରୀଙ୍କ ଘରକୁ ଯିବାଆସିବା କରିଥିବାର ଦେଖିଥିଲେ ଏବଂ ଏହା ଦାବି କରାଯାଇଛି ଯେ ଅନ୍ୟ କୌଣସି ସାକ୍ଷୀ ଏପର୍ଯ୍ୟନ୍ତ ବର୍ତ୍ତମାନର ଆବେଦନକାରୀଙ୍କୁ କୌଣସି ପ୍ରକାରେ ସମ୍ପୃକ୍ତ କରିନାହାଁନ୍ତି ।

ଅଧିନିୟମର 37 (1) (b) କୁ ଦୃଷ୍ଟିରେ ରଖି ଯଦି ଅଭିଯୁକ୍ତ ଏପରି ଅପରାଧରେ ଦୋଷୀ ନୁହେଁ ବୋଲି ବିଶ୍ୱାସ କରିବା ପାଇଁ ଯୁକ୍ତିଯୁକ୍ତ ଆଧାର ନଥାଏ ଏବଂ କେବଳ ଜାମିନ ଥିବାବେଳେ ସେ କୌଣସି ଅପରାଧ କରିବାର ସମ୍ଭାବନା ନାହିଁ, ତେବେ ତାଙ୍କୁ ଜାମିନ ମିଳିବ । ବର୍ତ୍ତମାନର ମାମଲାରେ, ଆବେଦନକାରୀ ବିଭିନ୍ନ ଆଧାରରେ ଜାମିନ ପାଇବାକୁ ଚେଷ୍ଟା କରିଥିଲେ କିନ୍ତୁ ବିଫଳ ହୋଇଥିଲେ । କିନ୍ତୁ ଯଦି ଆମେ ଅଧିନିୟମର 37 (1) (b) ର ପରିସରକୁ ଧ୍ୟାନରେ ରଖିବୁ ତେବେ ସେହି କାରଣଗୁଡ଼ିକ ଗୁରୁତ୍ୱହୀନ ହେବ । ମାମଲାର ଏହି ପର୍ଯ୍ୟାୟରେ ଯାହା ଦେଖିବାକୁ ମିଳିଥିଲା ତାହା ହେଉଛି ଅଭିଯୋଜନ ପକ୍ଷର ସାକ୍ଷୀମାନଙ୍କ ତରଫରୁ ଦିଆଯାଇଥିବା ବିବୃତ୍ତି ଫଳରେ, ଯଦି ବିଶ୍ୱାସଯୋଗ୍ୟ, ଆବେଦନକାରୀଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇ ପାରିବ କି ନା । ଏହି ପର୍ଯ୍ୟାୟରେ, ଯଦି ଅଭିଯୋଗରେ କରାଯାଇଥିବା ଅଭିଯୋଗ ପ୍ରମାଣିତ ହୁଏ, ତେବେ ଅଭିଯୁକ୍ତ ଏହି ଅପରାଧରେ ଦୋଷୀ ନୁହନ୍ତି ବୋଲି ଆମେ କହିପାରିବା ନାହିଁ । କିମ୍ବା ଆମେ ଏହା ମଧ୍ୟ କହିପାରିବା ନାହିଁ ଯେ ଅଦାଲତ ସମ୍ମୁଖରେ ପ୍ରମାଣ ସମ୍ପୂର୍ଣ୍ଣ ଭାବେ ଉପସ୍ଥାପିତ ହୋଇନାହିଁ ଯେଉଁଥିପାଇଁ ଏପରି ଅପରାଧରେ ସେ ଦୋଷୀ ନୁହନ୍ତି ବୋଲି କହିବାର କୌଣସି ଆଧାର ନାହିଁ । ଧ୍ୟାନରେ ରଖିବାକୁ ଥିବା ଅନ୍ୟ ଏକ ଦିଗ ହେଉଛି ଯେ ଜଣେ ନାଗରିକଙ୍କ ସ୍ୱାଧୀନତା ସମାଜର ସ୍ୱାର୍ଥ ସହିତ ଭାରସାମ୍ୟ ହେବା ଆବଶ୍ୟକ । ଯେଉଁ କ୍ଷେତ୍ରରେ ନିଶା ଏବଂ ମାଦକ ଦ୍ରବ୍ୟ ଜଡ଼ିତ ଥାଏ, ଅଭିଯୁକ୍ତମାନେ ଏପରି କାର୍ଯ୍ୟକଳାପରେ ଲିପ୍ତ ହୁଅନ୍ତି ଯାହା ସମାଜ ପାଇଁ ମାରାତ୍ମକ । ତେଣୁ, ଅଦାଲତରେ ମାମଲା ବିଚାରଧୀନ ସମୟରେ ଏହିପରି ବ୍ୟକ୍ତିମାନଙ୍କୁ କାରାଗାରରେ ରଖିବା ନିଶ୍ଚିତ ଭାବରେ ସମାଜର ସ୍ୱାର୍ଥରେ ହେବ, ଏବଂ ଧାରା 37 (1) (b) ର ବୈଧତା ବଜାୟ ରହିଥିବାରୁ, ଆମେ ଅନ୍ୟ କୌଣସି ଦୃଷ୍ଟିକୋଣକୁ ଗ୍ରହଣ କରିପାରିବୁ ନାହିଁ ।

ତଥାପି, ଓଡ଼ିଶା ଏବଂ ପଶ୍ଚିମବଙ୍ଗ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରୟାସ କରାଯିବା ଉଚିତ ଯେ ସେମାନଙ୍କ ସମ୍ମୁଖରେ ବିଚାରାଧୀନ ମାମଲାଗୁଡ଼ିକର ବିଚାରକୁ ସୁଗମ କରିବା ପାଇଁ ସମସ୍ତ ଅଭିଯୁକ୍ତ ବ୍ୟକ୍ତିଙ୍କୁ ବିଚାର ଉଦ୍ଦେଶ୍ୟରେ ଗୋଟିଏ ସ୍ଥାନରେ ରଖିବା ପାଇଁ ଉପଯୁକ୍ତ ବ୍ୟବସ୍ଥା କରାଯିବା ଉଚିତ ଏବଂ ବିସ୍ତୃତ ବିବରଣୀ ପ୍ରସ୍ତୁତ କରାଯିବା ଉଚିତ ଏବଂ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଏବଂ କଲିକତା ଉଚ୍ଚ ନ୍ୟାୟାଳୟ ଦ୍ୱାରା ପ୍ରଶାସନିକ ସ୍ତରରେ ଯାଞ୍ଚ କରାଯିବା ଉଚିତ ଏବଂ ମାମଲାର ଶୀଘ୍ର ସମାଧାନ ପାଇଁ ଉପଯୁକ୍ତ ନିର୍ଦ୍ଦେଶ ଦିଆଯିବା ଉଚିତ । ତେଣୁ, ଏହି ମାମଲାରେ, ଅଭିଯୋଗର ବିଭାଜନ କିମ୍ବା ହାୱଡ଼ାର ତୃତୀୟ ଅତିରିକ୍ତ ଜିଲ୍ଲା ବିଚାରପତି ମୁଖ୍ୟ ଅଭିଯୁକ୍ତଙ୍କୁ ବାଲେଶ୍ୱରରେ ବିଚାରର ସମୁଖୀନ ହେବାକୁ ନଛାଡିବା ପର୍ଯ୍ୟନ୍ତ ମାମଲାର ଗୁଣବତ୍ତା ଉପରେ ପ୍ରବେଶ କରିବା ଆମ ପାଇଁ ଉପଯୁକ୍ତ ହେବ ନାହିଁ । ଏହି ଆଦେଶର ନକଲ ପଶ୍ଚିମବଙ୍ଗ ସରକାରଙ୍କ ମୁଖ୍ୟ ଶାସନ ସଚିବ, ଓଡ଼ିଶା ସରକାରଙ୍କ ମୁଖ୍ୟ ଶାସନ ସଚିବ, କଲିକତା ଉଚ୍ଚ ନ୍ୟାୟାଳୟର ନିବନ୍ଧକ ଏବଂ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ନିବନ୍ଧକଙ୍କୁ ନିର୍ଦ୍ଦେଶର ଅନୁପାଳନ ପାଇଁ ପଠାଯିବ ।

ଉପରୋକ୍ତ ପର୍ଯ୍ୟବେକ୍ଷଣ ଦ୍ୱାରା, ଏହି ଆବେଦନକୁ ଖାରଜ କରାଗଲା ।

ଏମ୍. ପି.                                                    ଆବେଦନକୁ ଖାରଜ କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଭାଷାନ୍ତର:**
ଶ୍ରୀ ଜଟାଧାରୀ ସେଠୀ
ଅନୁବାଦକ, ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ